# NATIONAL NEWS BULLETIN (ODIA)

**6 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପାଞ୍ଚଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ।
- ଜାମ୍ମୁ କାଶ୍ମୀରରେ ଆସନ୍ତା ୮ ତାରିଖରେ ଭୋଟ୍ ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ।
- ଭାରତୀୟ ବାୟୁସେନା ପକ୍ଷରୁ ଚେନ୍ନାଇର ମାରିନା ବିଚ୍‌ରେ ଅନୁଷ୍ଠିତ ହେଲା ଏୟାର ଶୋ' ।
- ଲେବାନନ୍ ଉପରେ ଇସ୍ରାଏଲ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଦୁବାଇଠାରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

---

## ମାଲଦୀପ୍‌ସ ପ୍ରେସିଡେଣ୍ଟ

ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ ପାଞ୍ଚଦିନିଆ ଭାରତ ଗସ୍ତରେ ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ତାଙ୍କୁ ସାକ୍ଷାତ୍ କରିବେ । ଆସନ୍ତାକାଲି

ସକାଳେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ମୁଇଜୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ।

ଏହି ଅବସରରେ ଡକ୍ଟର ମୋଇଜ୍ଜୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ଦୁଇଦେଶର ସ୍ୱାର୍ଥଜଡ଼ିତ ଅନ୍ତର୍ଜାତୀୟ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବେଙ୍ଗାଲୁରୁ ଏବଂ ମୁମ୍ବାଇଠାରେ କେତେକ ବ୍ୟାବସାୟିକ କାର୍ଯ୍ୟକ୍ରମରେ ଡକ୍ଟର ମୋଇଜ୍ଜୁ ଅଂଶଗ୍ରହଣ କରିବେ ।

ଭାରତ ମହାସାଗର ଅଞ୍ଚଳରେ ମାଳଦୀପ ହେଉଛି ଏକ ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ରାଷ୍ଟ୍ର । 'ପଡ଼ୋଶୀ ପ୍ରଥମେ' ନୀତି ଏବଂ ପ୍ରଧାନମନ୍ତ୍ରୀଙ୍କ ସାଗର ଦୃଷ୍ଟିକୋଣରୁ ମାଳଦୀପ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅକ୍ତିଆର କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କର ଇତିମଧ୍ୟରେ ମାଳଦୀପ ଗସ୍ତ ପରେ ରାଷ୍ଟ୍ରପତି ଡକ୍ଟର ମୋଇଜ୍ଜୁଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କର ଦୃଢ଼ତାକୁ ଦର୍ଶାଉଛି । ଡକ୍ଟର ମୋଇଜ୍ଜୁଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ନୂତନ ମାର୍ଗ ଉନ୍ମୁକ୍ତ ହେବାର ଆଶା କରାଯାଉଛି । ସୂଚନାଯୋଗ୍ୟ, ଡକ୍ଟର ମୋଇଜ୍ଜୁ ଗତ ଜୁନ୍ ମାସରେ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥଗ୍ରହଣ ସମାରୋହରେ ଯୋଗ ଦେଇଥିଲେ ।

## ଜେକେ-ଭୋଟ୍‌ଗଣତି

ଜାମ୍ମୁ କାଶ୍ମୀରରେ ଆସନ୍ତା ୮ ତାରିଖ ଦିନ ହେବାକୁ ଥିବା ଭୋଟ୍ ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।  ଭୋଟ୍‌ଗଣତି କେନ୍ଦ୍ର ଗୁଡ଼ିକରେ ପାନୀୟଜଳ, ଶୌଚାଳୟ, ପ୍ରତୀକ୍ଷାଳୟ ଭଳି ଆବଶ୍ୟକୀୟ ମୌଳିକ ବ୍ୟବସ୍ଥା କରାଯାଇଛି ।  ସୂଚନାଯୋଗ୍ୟ ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ପ୍ରାୟ ଏକଦଶନ୍ଧି ପରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ୬୩ ଦଶମିକ ୮/୮ ପ୍ରତିଶତ ମତଦାନ ହୋଇଥିଲା । ୬୪ ଦଶମିକ ୬/୮ ପ୍ରତିଶତ ପୁରୁଷ ମତଦାତା ଭୋଟ୍ ଦେଇଥିବାବେଳେ ୬୩ ଦଶମିକ ୦/୪ ପ୍ରତିଶତ ମହିଳା ଭୋଟ୍‌ଦାତା ମତଦାନ କରିଥିଲେ ।

## ଆଇଏଏଫ୍-ଏୟାର ଶୋ

ଚେନ୍ନାଇରେ ଭାରତୀୟ ବାୟୁ ସେନାର ୯୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୭୨ଟି ଯୁଦ୍ଧବିମାନ ଓ ହେଲିକପ୍ଟରର ଚିତ୍ତାକର୍ଷକ ପ୍ରଦର୍ଶନୀ ସହିତ ଆରମ୍ଭ ହୋଇଛି । ୨୧ ବର୍ଷ ପରେ ମାରିନା ସାମୁଦ୍ରିକ ବେଳାଭୂମିରେ ଆୟୋଜିତ ଏହି ଏୟାର ଶୋ'ରେ ଲକ୍ଷାଧିକ ଦର୍ଶକ

ଆକାଶମାର୍ଗରେ ଯୁଦ୍ଧବିମାନ ଗୁଡ଼ିକର ଉଡାଣ କୌଶଳ ଉପଭୋଗ କରିଛନ୍ତି । ଏହି ଏୟାର ଶୋ'ରେ ଭାରତୀୟ ବାୟୁସେନାର ବିମାନ ଚେତକ, ରାଫେଲ, ଡାକୋଟା, ହରବାର୍ଡ, ଏମ୍ଆଇଜି, ଜାଗୁଆର ଆଦି ଯୁଦ୍ଧକୌଶଳ ପ୍ରଦର୍ଶନ କରିଛନ୍ତି । ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ, ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ଅଧିକାରୀ ଏବଂ ପ୍ରତିରକ୍ଷା ବାହିନୀର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ଚିତ୍ତାକର୍ଷକ ଏୟାର ଶୋ' ପାଇଁ ସହରରେ ୮ହଜାର ପୁଲିସ କର୍ମୀଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଚେନ୍ନାଇ ବିମାନବନ୍ଦରରେ ବିମାନ ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଛି ।

## ଇସ୍ରାଏଲ-ଲେବାନନ୍

ଲେବାନନ୍ ଉପରେ ଇସ୍ରାଏଲ ପକ୍ଷରୁ ଜୋର୍‌ସୋର୍‌ରେ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ଉତ୍ତର ଲେବାନନ୍‌ରେ ଥିବା ପାଲେଷ୍ଟାଇନ୍ ଶରଣାର୍ଥୀ ଶିବିର ଉପରେ ବୋମାମାଡ଼ କରାଯାଇଛି । ପ୍ରଥମଥର ପାଇଁ ହିଜ୍‌ବୁଲ୍ଲା ଓ ହମାସ୍ ଆଡ୍ଡାସ୍ଥଳୀକୁ ଲକ୍ଷ୍ୟକରି ଉତ୍ତର ଲେବାନନ୍‌ରେ ଏହି ବୋମାମାଡ଼ କରାଯାଇଥିବା ଜଣାପଡିଛି । ସେହି ଅଞ୍ଚଳରୁ ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ସମେତ ଲେବାନନ୍‌ର ହଜାର ହଜାର ଲୋକ ଅନ୍ୟତ୍ର ପଳାଇ ଯାଉଛନ୍ତି ।  ଗଣମାଧ୍ୟମ ସୂଚନା ଅନୁଯାୟୀ

ଶୁକ୍ରବାର ଦିନ ଇସ୍ରାଏଲ ଆକ୍ରମଣରେ ମୃତ ହେଜ୍‌ବୋଲ୍ଲା ନେତା ସୟିଦ ହାସନ ନସରୁଲ୍ଲାଙ୍କ କଥିତ ଉତ୍ତରାଧିକାରୀଙ୍କର ହସିନ ସାଫିଦିନ୍‌ଙ୍କର କୌଣସି ପତ୍ତା ମିଳୁନାହିଁ । ଇସ୍ରାଏଲ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ।

ଇତିମଧ୍ୟରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଉପରେ କଟକଣା ଲଗାଇବାକୁ ଆହ୍ୱାନ କରିଛନ୍ତି । ମାକ୍ରନ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଲେବାନନ୍‌କୁ ସୈନ୍ୟ ପଠାଇବା ନିଷ୍ପତ୍ତିର ନିନ୍ଦା କରିଛନ୍ତି । ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଇରାନ ବିପକ୍ଷ ଲଢ଼େଇରେ ଇସ୍ରାଏଲକୁ ସହଯୋଗ ନକରୁଥିବାରୁ ସେ ରାଷ୍ଟ୍ରପତି ମାକ୍ରନଙ୍କୁ ସମାଲୋଚନା କରିଛନ୍ତି ।

ଇତିମଧ୍ୟରେ ଗାଜାରେ ଚାଲିଥିବା ଯୁଦ୍ଧ ବର୍ଷେ ପୂରଣ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ବିଶ୍ୱର ବିଭିନ୍ନ ସ୍ଥାନରେ ର୍‍ୟାଲି କରାଯାଉଥିବା ଦେଖାଯାଉଛି । ପାଲେଷ୍ଟାଇନ୍ ସପକ୍ଷବାଦୀ ୪୦ହଜାର ବିକ୍ଷୋଭକାରୀ କେନ୍ଦ୍ରୀୟ ଲଣ୍ଡନରେ ପଦଯାତ୍ରା କରିଛନ୍ତି । ସେହିଭଳି ପ୍ୟାରିସ୍, ରୋମ୍, ମନିଲା, କେପ୍‌ଟାଉନ୍ ଓ ନ୍ୟୁୟର୍କରେ ମଧ୍ୟ ଅନୁରୂପ ଶୋଭାଯାତ୍ରା ଦେଖିବାକୁ ମିଳିଛି । ୱାଶିଂଟନ୍‌ର ହ୍ୱାଇଟ୍ ହାଉସ୍ ନିକଟରେ ଇସ୍ରାଏଲ ସପକ୍ଷରେ ର୍‍ୟାଲି ଅନୁଷ୍ଠିତ ହୋଇଛି ।

## ମହିଳା ଟି-୨୦ କ୍ରିକେଟ

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଦୁବାଇଠାରେ ଆଜି ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ ଦଳର ସହକାରୀ କୋଚ୍ ଅଭିସାର ସାଲ୍‌ଭି କହିଛନ୍ତି, ଭାରତୀୟ ଦଳ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ପୂର୍ଣ୍ଣ ପ୍ରୟାସ କରିବ । ସୂଚନାଯୋଗ୍ୟ, ହର୍‌ମନ ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ଗତ ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ଶ୍ରୀଲଙ୍କା ବିରୋଧରେ ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା ।

## ମୁମ୍ବାଇ-ଫାୟାର

ମୁମ୍ବାଇର ଚେମ୍ବୁରରେ ଅଗ୍ନିକାଣ୍ଡ ଘଟି ୩ଜଣ ଶିଶୁଙ୍କ ସମେତ ଗୋଟିଏ ପରିବାରର ୭ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ ବିଦ୍ୟୁତ୍ ସଟ୍‌ସର୍କିଟ୍ ଯୋଗୁଁ ଗୋଟିଏ ବିଲ୍‌ଡିଂର ତଳମହଲାରେ ଅଗ୍ନିକାଣ୍ଡ ଘଟିଥିଲା । ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ୭ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ଅଗ୍ନିକାଣ୍ଡର ତଦନ୍ତ କରାଯାଉଛି ।

# କନିଷ୍ଠ ଡାକ୍ତର ଷ୍ଟ୍ରାଇକ୍

ପଶ୍ଚିମବଙ୍ଗରେ ଆର୍‌ଜିକର ମେଡ଼ିକାଲ କଲେଜ ମାମଲାରେ ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ୬ଜଣ କନିଷ୍ଠ ଡାକ୍ତର ମେଡ଼ିକାଲ ସମ୍ମୁଖରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିଛନ୍ତି । ସେମାନେ ସେମାନଙ୍କର ଡାକ୍ତରୀ ସେବା ଓ ରୋଗୀମାନଙ୍କୁ ଚିକିତ୍ସା କାର୍ଯ୍ୟ ଜାରି ରଖି ଅନିର୍ଦ୍ଧିଷ୍ଟ କାଳ ପାଇଁ ଅନଶନ ମାଧ୍ୟମରେ ପ୍ରତିବାଦ କରିବେ ବୋଲି କହିଛନ୍ତି । ଆର୍‌ଜିକର ମେଡ଼ିକାଲ କଲେଜ ଡାକ୍ତରୀ ଛାତ୍ରଙ୍କ ହତ୍ୟା ଘଟଣାରେ ସରକାର ସେମାନଙ୍କର ୧୦ଦଫା ଦାବି ପୂରଣ କରିନଥିବା କାରଣରୁ ଏହି ଅନଶନ କରାଯାଉଥିବା ସଂଘ ପକ୍ଷରୁ କୁହାଯାଇଛି । ଅନଶନର ସ୍ୱଚ୍ଛତା ପାଇଁ ସେଠାରେ ସି.ସି.ଟି.ଭି. ଲଗାଯାଇଥିବା ସଂଘ କହିଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଗିରଫ ହୋଇଥିବା ମୁସ୍ତାକିନ୍ ସର୍ଦ୍ଦାରଙ୍କୁ ୭ ଦିନପାଇଁ ପୁଲିସ୍ ହେଫାଜତ୍‌କୁ ପଠାଇ ଦିଆଯାଇଛି । ବାରୁଇପୁର କୋର୍ଟ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ଏନ୍‌ଆଇଏ ରେଡ୍‌ସ

ଜୈସ୍ ଏ ମହମ୍ମଦ ସନ୍ତ୍ରାସାବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କିତ ତଦନ୍ତ ଜାରି ରହିଥିବା ଏକ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଦେଶର ୨୬ଟି ସ୍ଥାନରେ ଚଢ଼ଉ କରିଛି । ଏହି ଚଢ଼ଉ ୫ଟି ରାଜ୍ୟ

ଓ କେନ୍ଦ୍ରଶାସିତ ଅଞ୍ଚଳରେ କରାଯାଇଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଆସାମ, ଦିଲ୍ଲୀ ଏବଂ ଜାମ୍ମୁ କାଶ୍ମୀରର ୨୬ଟି ସ୍ଥାନରେ କରାଯାଇଥିବା ଚଢ଼ଉରେ ବିଭିନ୍ନ କାଗଜପତ୍ର, ଇଲେକ୍ଟ୍ରୋନିକ ଯନ୍ତ୍ରପାତି, ପ୍ରଚାରପତ୍ର ଆଦି ଜବତ କରାଯାଇଛି । ଜବତ ସାମଗ୍ରୀକୁ ଯାଞ୍ଚ କଲାପରେ ତଦନ୍ତକାରୀ ଦଳ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜଣାପଡିଛି ।**ସେରିବ୍ରାଲ୍ - ଆଟାକ୍**

ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ଆଜି ପାଳନ କରାଯାଉଛି । ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ମୁକାବିଲା କରିବା ଦିଗରେ ଏକ ସମାବେଶୀ ସମାଜ ଗଠନ କରିବା ଏହି ଦିବସ ପାଳନର ଲକ୍ଷ୍ୟ । ଚଳିତ ବର୍ଷର ବିଷୟବସ୍ତୁ ରହିଛି "ୟୁନିକ୍ଲି ସି.ପି.' । ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ସେମାନଙ୍କର ପରିଚୟ ଏବଂ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।